# ନିର୍ବାଚନ ପରିଚାଳନାରେ ଜିଲା ସୂଚନା ବିଜ୍ଞାନ ଅଧିକାରୀଙ୍କ କାର୍ଯ୍ୟ ପ୍ରଶଂସନୀୟ



ଭୁବନେଶ୍ୱର,୨୮ ।୬(ଭୁ.ପ୍ର): ଚଳିତ ସାଧାରଣ ନିର୍ବାଚନରେ ଏନ୍‌ଆଇସି, ଓଡ଼ିଶାର ଜିଲା ସୂଚନା ବିଜ୍ଞାନ ଅଧିକାରୀଙ୍କ ଯୋଗଦାନ ଅତ୍ୟନ୍ତ ପ୍ରଶଂସନୀୟ। ପୋଲିଂ ଦଳ ଗଠନ, ପୁଲିସ ତଥା ଭୋଟ ଗଣତି ଅଧିକାରୀଙ୍କ ମୁତୟନଠାରୁ ଆରମ୍ଭ କରି ନିର୍ବାଚନର ସୁଚାରୁ ପରିଚାଳନା ପାଇଁ ବିଭିନ୍ନ ସଫ୍ଟୱେର ପ୍ରସ୍ତୁତ କରିବା ଏବଂ ମୁତୟନ କରିବାରେ ସେମାନଙ୍କ ବିଶେଷ ଭୂମିକା ରହିଛି। ନିର୍ବାଚନ ପ୍ରକ୍ରିୟାରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ଭୁବନେଶ୍ୱରସ୍ଥିତ ଏନ୍‌ଆଇସି ରାଜ୍ୟ ମୁଖ୍ୟାଳୟରେ ଏକ ସମାରୋହରେ ସେମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳଙ୍କ ଦ୍ୱାରା ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡା. ଏନ୍. ଥିରୁମାଲା ନାୟକ ଯୋଗଦେଇ ସେମାନଙ୍କ ସହଯୋଗର ପ୍ରଶଂସା କରିଥିଲେ। ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା ନିର୍ବାଚନ ସମ୍ପର୍କିତ ବିଭିନ୍ନ ଆପ୍ଲିକେସନ ସହିତ ଏନ୍‌ଆଇସିର ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅତିଥିଙ୍କୁ ଅବଗତ କରାଇଥିଲେ।

# ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା



ଭୁବନେଶ୍ବର,୨୮।୬(ବ୍ୟୁରୋ): ଚଳିତ ସାଧାରଣ ନିର୍ବାଚନରେ ଏନ୍ଆଇସି, ଓଡ଼ିଶାର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀମାନଙ୍କ ଯୋଗଦାନ ଅତ୍ୟନ୍ତ ପ୍ରଶଂସନୀୟ ଥିଲା । ପୋଲିଂ ଦଳ ଗଠନ, ପୁଲିସ ତଥା ଭୋଟ ଗଣତି ଅଧିକାରୀମାନଙ୍କ ମୁତୟନଠାରୁ ଆରମ୍ଭ କରି ନିର୍ବାଚନର ସୁପରିଚାଳନା ପାଇଁ ପିପିଏମ୍ଏସ, ଇଏମ୍ଏସ, ଇଏସ୍ଏମ୍ଏସ୍, ଏନ୍କୋର, ସିବିଜିଲ ଆଦି ବିଭିନ୍ନ ସଫ୍ଟୱେର୍ ପ୍ରସ୍ତୁତ କରିବା ଏବଂ ମୁତୟନ କରିବାରେ ସେମାନଙ୍କ ବିଶେଷ ଭୂମିକା ରହିଛି। ନିର୍ବାଚନ ପ୍ରକ୍ରିୟାରେ ସେମାନଙ୍କ ଉଲ୍ଲେଖନୀୟ ଯୋଗଦାନ ପାଇଁ ଭୁବନେଶ୍ବରସ୍ଥିତ ଏନ୍ଆଇସି ରାଜ୍ୟ ମୁଖ୍ୟାଳୟରେ ଏକ ସମାରୋହରେ ସେମାନଙ୍କୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳଙ୍କ ଦ୍ବାରା ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଦିଆଯାଇଛି । ଏ ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ. ଥିରୁମାଳା ନାୟକ ଅତିଥି ଭାବେ ଯୋଗ ଦେଇ ଏନ୍ଆଇସି ତଥା ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀମାନଙ୍କ ସହଯୋଗର ଭୂୟସୀ ପ୍ରଶଂସା କରିଥିଲେ । ଉପ ମହାନିର୍ଦ୍ଦେଶକ ତଥା ରାଜ୍ୟ ସୂଚନା ବିଜ୍ଞାନ ଅଧିକାରୀ ଡ. ଅଶୋକ କୁମାର ହୋତା ନିର୍ବାଚନ ସମ୍ପର୍କିତ ବିଭିନ୍ନ ଆପ୍ଲିକେଶନ ସହିତ ଏନ୍ଆଇସିର ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବିଷୟରେ ଅତିଥିମାନଙ୍କୁ ଅବଗତ କରାଇଥିଲେ ।